## ବଜ୍ରପାତରେ ଯୁବକ ମୃତ

ଖୁଣ୍ଟା/କୁଆମରା, (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭଣ୍ଡଗାଁ ପଞ୍ଚାୟତର ଜାମଶୁଳୀ ଗ୍ରାମରେ ରବିବାର ବଜ୍ରପାତରେ ପ୍ରଶାନ୍ତ ନାୟକ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ କ୍ଷେତକୁ ଚାଷ କାର୍ଯ୍ୟ ପାଇଁ ଯାଇଥିଲେ। ମଧ୍ୟାହ୍ନରେ ବର୍ଷା ସାଙ୍ଗକୁ ବଜ୍ରପାତରେ ସେ ଚେତାଶୂନ୍ୟ ହୋଇ କ୍ଷେତରେ ପଡ଼ି ରହିଥିଲେ। ପରେ କ୍ଷେତରେ କାମ କରୁଥିବା ଅନ୍ୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂକ୍ଷେପରେ

## ପୋଖରୀରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ସିମୁଳିଆ,୩୧।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ଥାନା ପାହିତୋରଣା ପଞ୍ଚାୟତର ଦୋରା ଅଞ୍ଚଳରୁ ନିଖୋଜ ଥିବା କୁନୁଲତା ନାୟକ(୩୫) ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ରବିବାର ପୋଖରୀରୁ ଉଦ୍ଧାର ହୋଇଛି। ତାଙ୍କ ବେକ ଓ ଗୋଡ଼ରେ ଚିପସ୍ ଭର୍ତ୍ତି ଅଖା ବନ୍ଧାଯାଇ ପୋଖରୀରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ସ୍ୱାମୀ ଧନେଶ୍ୱର ଫେରାର ଥିବାରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

ପ୍ରକାଶ ଯେ, ୧୭ବର୍ଷ ପୂର୍ବେ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳର ଧନେଶ୍ୱର ବାଲିମେଦପୁର ଅଞ୍ଚଳର କୁନିଲତାଙ୍କୁ ପ୍ରେମ ବିବାହ କରି ସିମୁଳିଆର ଦୋରା ଅଞ୍ଚଳରେ ରହିଆସୁଥିଲେ। ସେମାନଙ୍କର ଦୁଇ ନାବାଳକ ପୁତ୍ର ଅଛନ୍ତି। ବଡ଼ପୁଅ ଘଣ୍ଟେଶ୍ୱର ଗାଁରେ ଥିବା ଜେଜେବାପାଙ୍କ ପାଖରେ ରହି ପଢୁଛନ୍ତି। ସାନପୁଅଙ୍କୁ ଧରି କୁନୁଲତା ଓ ଧନେଶ୍ୱର ଦୋରା ଗାଁରେ ରହିଆସୁଥିଲେ। ତେବେ ସେମାନଙ୍କ ଭିତରେ କୌଣସି ପ୍ରକାରର ମତଭେଦ ନ ଥିବା କିମ୍ବା ପାଟିତୁଣ୍ଡ ହୋଇ ନ ଥିବା ପଡ଼ୋଶୀମାନେ କହିଥିବା ବେଳେ ଗତ ୨୯ ତାରିଖରୁ କୁନିଲତା କିମ୍ବା ଧନେଶ୍ୱରଙ୍କୁ ଦେଖିବାକୁ ମିଳି ନ ଥିଲା। ଘର ବନ୍ଦ ରହିବା ଏବଂ ଉଭୟଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ସନ୍ଦେହରେ ପଡ଼ୋଶୀ ପୋଲିସକୁ ଜଣାଇଥିଲେ। ପୋଲିସ ଏବଂ ଗ୍ରାମବାସୀ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିବା ବେଳେ ରବିବାର ପୂର୍ବାହ୍ନରେ ଘର ନିକଟସ୍ଥ ଏକ ପୋଖରୀରୁ କୁନୁଲତାଙ୍କ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି। ସ୍ୱାମୀ ଧନେଶ୍ୱର ସାନପୁଅକୁ ନେଇ ନିଜ ଗାଁରେ ଛାଡ଼ି ଦେଇ ଫେରାର ହୋଇଯାଇଥିବା ବେଳେ ସେ ଧରାପଡ଼ିଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

## ପୁଣି ଟ୍ରକ୍ ଧକ୍କାରେ ୪ ଗୋରୁ ମୃତ

ପାଟଣା,୩୧।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରି ବ୍ୟାଙ୍କ ନିକଟରେ ରବିବାର ସକାଳେ ଟ୍ରକ୍ ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ୩ ଗୋରୁ ଗୁରୁତର ହୋଇଛନ୍ତି। ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଗୁରୁତର ଗୋରୁଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ, ସକାଳୁ ଡଲଙ୍ଗ ଗ୍ରାମର କେତେକ ଲୋକ ବଳଦଗୁଡ଼ିକୁ ବିକ୍ରି କରିବା ପାଇଁ ନିକଟସ୍ଥ ବେଲଦା ହାଟକୁ ନେଉଥିବା ସମୟରେ ଏକ ଟ୍ରକ୍ ଗୋରୁମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ତୁରୁମୁଙ୍ଗା ପୋଲିସ ପହଞ୍ଚି ଟୋଲ୍‌ଗେଟର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ରାଜପଥ ଉପରେ ପଡିଥିବା ମୃତ ଗୋରୁଙ୍କୁ ଏନ୍‌ଏଚ୍‌ଆଇ ପକ୍ଷରୁ ଉଠାଯାଇ ଟୋଲ ଗେଟ ନିକଟ ପଡ଼ିଆରେ ପୋତି ଦିଆଯାଇଛି। ପ୍ରକାଶଥାଉକି, ଗତ ଗୁରବାର ବିଳମ୍ବିତ ରାତିରେ ଉକ୍ତ ରାଜପଥର ଝାରବେଡା ନିକଟରେ ଅଜଣା ଟ୍ରକ୍ ଧକ୍କାରେ ୨ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଦ୍ରୁତଗତିରେ ଗାଡ଼ି ଚଳାଚଳ ପାଇଁ ଏହି ରାଜପଥରେ ବାରମ୍ବାର ଦୁର୍ଘଟଣାରେ ବହୁ ଧନଜୀବନ ହାନି ଘଟୁଥିବାରୁ ଆରଟିଓ ଏବଂ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାକୁ ଆହ୍ୱାନ

ବାସୁଦେବପୁର, ୩୧।୭(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁରଠାରେ ରବିବାର ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ୨୩ ୱାର୍ଡର ଯୁବ କଂଗ୍ରେସ କର୍ମୀମାନଙ୍କୁ ନେଇ ଆୟୋଜିତ ବୈଠକରେ ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପିସିସି ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅନିୟମିତତା ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଯୁବ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବ କଂଗ୍ରେସର ଜିଲା ସଭାପତି ସୁବ୍ରତ କୁମାର ବେହୁରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ପୂର୍ବତନ ସରପଞ୍ଚ ମଞ୍ଜୁଲତା ପଣ୍ଡା, ଯୁବନେତା ବିଜୟ ମହାନ୍ତିଙ୍କ ସମେତ ବିଭିନ୍ନ ୱାର୍ଡର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ କଂଗ୍ରେସର ନଗର ସଭାପତି ଭାବେ ସୁଶାନ୍ତ ମହାକୁଡ଼, ସମ୍ପାଦକ ସୁଦାମ କର, ଶରତ ନାୟକ, ଟୁଟୁ ଖାଁ, ଯୋଗେନ୍ଦ୍ର ମଲିକ, ସୁବାସ ସେଠୀ, ସାଧାରଣ ସମ୍ପାଦକ ହରିଶଙ୍କର ପଟ୍ଟନାୟକ, ଚନ୍ଦନ ନାୟକ, ସନ୍ତୋଷ ପାତ୍ର, ସର୍ବେଶ୍ୱର ନାୟକ, ଉପସଭାପତି ଭାବେ ଦିଲୀପ ବାରିକଙ୍କୁ ମନୋନୀତ କରାଯାଇଥିଲା।

# ପାଣି ଘେରରେ ଶତାଧିକ ହେକ୍ଟର ଚାଷଜମି

ରୂପସା,୩୧।୭(ଡି.ଏନ.ଏ.)

■ଜଳ ନିଷ୍କାସନ ପଥ ଅବରୋଧ
■ପଚି ଗଲାଣି ଧାନ ତଳି

ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ଚାଷ ଜମିରେ ଧାନ ତଳି ଓ ଗଛ ସବୁ ପଚିବାକୁ ବସିଲାଣି। ଚାଷୀମାନେ ଆଗଭର ହୋଇ ଯାହା ରୁଆପୋତା କରିଥିଲେ ତାହାବି ସବୁ ନଷ୍ଟ ହେବାକୁ ଲାଗିଲାଣି। ଏଣୁ ଚଳିତବର୍ଷ ଖରିଫ ଧାନଚାଷକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଚାଷୀ। ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ପୁଟୁରା, ମୁକୁଲୁସି ଓ ନାଇକୁଡିପଞ୍ଚାୟତରେ।

ଜଳ ନିଷ୍କାସନର ପଥ ଅବରୋଧ ହେବା କାରଣରୁ ଏହି ୩ ପଞ୍ଚାୟତର ଶହେ ହେକ୍ଟରରୁ ଅଧିକ ଚାଷ ଜମିରେ ବର୍ଷା ଜଳ ଜମିରହିଛି। ଏସବୁ ଜମିରୁ ନିଷ୍କାସିତ ହେଉଥିବା ବର୍ଷା ଜଳ ସବୁ ପଳପଳା ନଦୀକୁ ଯାଇଥାଏ। ମାତ୍ର ଚାଷୀମାନଙ୍କ ଅଭିଯୋଗ ମୁତାବକ ଯେଉଁ ସବୁ ରାସ୍ତା ଦେଇ ଏହି ଜଳ ନଦୀକୁ ଯାଇଥାଏ, ଉକ୍ତ ପଥକୁ ସ୍ଥାନୀୟ ଲୋକେ ମାଛ ଧରିବା ପାଇଁ ବନ୍ଧ ସାହାଯ୍ୟରେ ଅବରୋଧ କରି ରଖିଛନ୍ତି। ୫୦୦ ମିଟର ଦୂରତା ଭିତରେ ପ୍ରାୟ ୧୦ରୁ ଅଧିକ ବନ୍ଧ ବନ୍ଧା ଯାଇଥିବାରୁ ବର୍ଷାପାଣି ସବୁ ନଦୀକୁ ନ ଯାଇପାରି ଚାଷ ଜମିରେ ଜମି ରହୁଛି। ଫଳରେ ଧାନଗଛ ସବୁ ପଚିଗଲାଣି। ଜମିରେ ପାଣି ଲହଡ଼ି ମାରୁଥିବାରୁ ଅନେକ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏଣୁ ଚଳିତବର୍ଷ ଏଠାରେ ଧାନଚାଷ ପାଇଁ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ


ଚାଷଜମିରେ ଜମି ରହିଥିବା ବର୍ଷାଜଳ।

ଚାଷୀମାନେ ବସ୍ତା ତହସିଲଦାରଙ୍କଠାରେ ଅଭିଯୋଗ କରି ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ତହସିଲଦାର କାର୍ତ୍ତିକ କୁମାର ଦାସ ସମସ୍ୟା ସମାଧାନ ଦିଗରେ ନିଶ୍ଚୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦୋଷୀଙ୍କୁ ବର୍ଷେ ଜେଲ

ବାଲେଶ୍ୱର ଅଫିସ,୩୧।୭

### ୩୫ ବର୍ଷ ପରେ ପ୍ରକାଶ ପାଇଲା ରାୟ

ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶିଖାରାଣୀ ରଥ ୩୫ ବର୍ଷ ପୂର୍ବରୁ ହୋଇଥିବା ଏକ ସରକାରୀ ଅର୍ଥ ହଡ଼ପ ମାମଲାର ବିଚାର କରି ଦୋଷୀଙ୍କୁ ୧ବର୍ଷ ଜେଲଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୨ମାସ ଅଧିକ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅବସରପ୍ରାପ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହୃଷିକେଶ ମଲ୍ଲିକ।

ପ୍ରକାଶ ଯେ, ୧୯୮୨ ଏପ୍ରିଲ ୬ରୁ ୧୯୮୫ ଜୁନ୍ ୨୪ ପର୍ଯ୍ୟନ୍ତ ଏବଂ ୧୯୮୫ ସେପ୍ଟେମ୍ବର ୨୦ରୁ ୧୯୮୬ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ପ୍ରି-ମାଟ୍ରିକରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ସ୍କଲାରସିପ୍ ଟଙ୍କା ତତ୍କାଳୀନ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଲ୍ଲିକ ହଡ଼ପ କରିଥିଲେ। ଏହି ମାମଲାରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ. ୨/୧୯୮୭) ରୁଜୁ କରିଥିଲା ଏବଂ ଏହି ମାମଲା ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ମଲ୍ଲିକ ଦୀର୍ଘବର୍ଷ ହେଲା ଚାକିରିରୁ ଅବସର ନେବା ପରେ ଏବେ ବୃଦ୍ଧାବସ୍ଥାରେ ପହଞ୍ଚିଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ରାସ୍ତାରୋକୋ



ବନ୍ତ ଛକଠାରେ ରାସ୍ତାରୋକୋ କରାଯାଇଛି।

ଭଦ୍ରକ ଅଫିସ, ୩୧।୭

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ଦେଶୀବ୍ୟାପୀ ଚକାଜାମ୍ ଆନ୍ଦୋଳନ କରାଯାଇଥିବା ବେଳେ ଭଦ୍ରକ ସହରର ବନ୍ତ ଛକଠାରେ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଚାଷୀଙ୍କ ଉତ୍ପାଦିତ ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, କୃଷକମାନଙ୍କ ଉପରେ ହୋଇଥିବା ସମସ୍ତ ମକଦ୍ଦମା ପ୍ରତ୍ୟାହାର, ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟାର ଅଭିଯୁକ୍ତମାନଙ୍କୁ ଶାସ୍ତି, ଜନବିରୋଧୀ ବିଦ୍ୟୁତ୍ ବିଲ୍-୨୦୨୦ ପ୍ରତ୍ୟାହାର ଆଦି ଦାବି କରାଯାଇଛି। କୃଷକ ନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ସମର ବଳ, ଶେଖ୍ କମର, ନିରଞ୍ଜନ ପାଣି, ସୁରଜିତା ନାୟକ, କାଳନ୍ଦୀ ପାତ୍ର, ଭାଗବତ ସେନାପତି, ଶେଖ୍ କାଲୁ, ପ୍ରତାପ ସେଠୀଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ସକାଳୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାର ଗାଡ଼ି ଅଟକି ରହିଥିଲା। ଟାଉନ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲା।

## ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼

ନୀଳଗିରି,୩୧।୭(ସ୍ୱ.ପ୍ର)

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠରେ ଶ୍ରାବଣର ତୃତୀୟ ସୋମବାରରେ ଜଳାଭିଷେକ ପାଇଁ କାଉଡ଼ିଆମାନେ ଭିଡ଼ ଜମାଇଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱର ସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲା କପ୍ତିପଦାର ସୋନ ନଦୀରୁ ଜଳ ଆଣି ପଞ୍ଚଲିଙ୍ଗେଶ୍ୱରପୀଠରେ ପହଞ୍ଚିଛନ୍ତି। ତୃତୀୟ ପାଳିରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ ସହ ପୀଠରେ ଶୌଚାଳୟ, ପିଇବା ପାଣି, ସ୍ୱଚ୍ଛତା, ରାସ୍ତା ଆଲୋକୀକରଣ ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିସହ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ସେରଗଡ଼ରୁ ନୀଳଗିରି, ଝରଣାଘାଟିରୁ ନୀଳଗିରି ଓ ମିତ୍ରପୁର, ସନ୍ତରାଗଡ଼ିଆ ରାସ୍ତାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାଉଡ଼ିଆଙ୍କ ପାଇଁ ସେବା ଶିବିର ଖୋଲାଯାଇଥିବା ଦେଖିବାକୁ ମିଳିଛି।

## ସ୍ତ୍ରୀଙ୍କୁ ନିର୍ଯାତନା: ଜେଲ ଗଲେ ସ୍ୱାମୀ

ରୂପସା,୩୧।୭(ଡି.ଏନ.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ପୋଡ଼ାଡ଼ିହା ଗ୍ରାମର ଶିବାନନ୍ଦ ଦାସଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୬୩/୨୨) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଏଲିଜା କୁମାରୀ ଦାସଙ୍କୁ ସ୍ୱାମୀ ଶିବାନନ୍ଦ ଓ ଶାଶୁର ଲୋକେ ମିଶି ବିଭିନ୍ନ ସମୟରେ ଯୌତୁକ ଜନିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଏତଲାରେ ଦର୍ଶାଯାଇଛି। ଏପରିକି ନିର୍ଯାତନା ସହ ହତ୍ୟା ଉଦ୍ୟମ ନେଇ ଗତ ୨୫ ତାରିଖରେ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ନଗେନ୍ଦ୍ର ନାଥ ଦାସ ତଦନ୍ତ ପୂର୍ବକ ଚଢ଼ାଉ କରି ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲେ।

## ଭାଜପା ପଞ୍ଚୁପଡ଼ା ମଣ୍ଡଳ କାର୍ଯ୍ୟକାରିଣୀ



ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ରୂପସା, ୩୧।୭(ଡି.ଏନ.ଏ.)

### ରାଜ୍ୟ ସରକାର ସୁଶାସନ ଦେବାରେ ବିଫଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆଙ୍କୁ ପ୍ରାଥମିକତା ଦେଇ ଲୋକପ୍ରିୟତା ହାସଲ କରିଛନ୍ତି। ରାଜ୍ୟ ସରକାର ୨୨ବର୍ଷ ଧରି ମିଥ୍ୟା ପ୍ରଚାର କରି ଓଡ଼ିଶାବାସୀଙ୍କୁ ଭଣ୍ଡାଇବାରେ ବ୍ୟସ୍ତ। ଓଡ଼ିଶାରେ ବିଜେଡି ସରକାର ସୁଶାସନ ଦେବାରେ ସମ୍ପୂର୍ଣ୍ଣ ବିଫଳ ବୋଲି ବାଲେଶ୍ୱର ସଦର ବ୍ଲକ ପଞ୍ଚୁପଡ଼ା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକରେ ଶନିବାର ଯୋଗଦେଇ ଭାଜପା ନିର୍ବାଚନମଣ୍ଡଳୀ ନେତା ମାନସ ଦତ୍ତ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ଓ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ବକ୍ତବ୍ୟରେ କହିଛନ୍ତି। ମଣ୍ଡଳ ସଭାପତି ବିଜୟ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରି ଥିଲେ। ବରିଷ୍ଠ ନେତା ରାଜେନ୍ଦ୍ର ଚାଟାର୍ଜୀ, ସରପଞ୍ଚ ରବିନାରାୟଣ ଦ୍ୱିବେଦୀ ସୁସ୍ମିତା ଦାସ ଓ ଜୟନ୍ତୀ ଆଦିକ, ସମିତିସଭ୍ୟ ରବୀନ୍ଦ୍ର ଜେନା, ହାରାମଣି ବେହେରା ଓ ପ୍ରିୟଙ୍କା ଜେନା ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ପାଇଁ ସଭାରେ ସ୍ୱାଗତ ପ୍ରସ୍ତାବ ଆଗତ ହୋଇଥିଲା। ମଣ୍ଡଳ ଅନ୍ତର୍ଗତ କଷାଫଳ ପଞ୍ଚାୟତ ସଭାପତି ମୁକୁନ୍ଦ ଆଦିକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ଆଳୁମେଦା ସଭାପତି କାହ୍ନୁଚରଣ ପ୍ରଧାନ, ସାର୍ଥା ସଭାପତି ଭୁଦେବ ସାହୁ, ପଞ୍ଚୁପଡା ସଭାପତି ଲଲାଟେନ୍ଦୁ ଦାସ, ଛାନୁଆ ସଭାପତି ଭାଗ୍ୟଧର ଦାସ, ବାହାବଳପୁର ସଭାପତି ବିମଳ ସାହୁ ଓ ଦୁବୁଲାଗଡ଼ି ସଭାପତି ମହେଶ୍ୱର ମାନ୍ନା ପ୍ରମୁଖ ଯୋଗଦେଇ ସଙ୍ଗଠନ ବିକାଶ ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଶେଷରେ କାର୍ଯ୍ୟକର୍ତ୍ତା ସିଦ୍ଧେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ପଥରେ ପରିବହନ ହେବ ଖଣିଜ

ଯୋଡ଼ା,୩୧।୭(ଡି.ଏନ.ଏ.)

■ଆଲୋଚନାରେ ନିଷ୍ପତ୍ତି ନେଲା କମ୍ପାନୀ
■ଟ୍ରକ୍ ମାଲିକ ସଂଘକୁ ମିଳିଲା ସଫଳତା

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଅଧୀନରେ ଥିବା ଏକ କମ୍ପାନୀ ସଡ଼କ ପଥରେ ଟ୍ରକ ଯୋଗେ ପରିବହନ କାର୍ଯ୍ୟ ଦେବା ପାଇଁ ଶନିବାର ଏକ ଆଲୋଚନା ବୈଠକରେ ପ୍ରତିଶ୍ରୁତି ଦେଇଥିବା ଖବର ହସ୍ତଗତ ହୋଇଛି। ଯୋଡ଼ା ଟ୍ରକ୍ ମାଲିକ ସଂଘ ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଉକ୍ତ ଖଣିର ବରିଷ୍ଠ ଅଧିକାରୀଙ୍କ ସହ ଏହି ଆଲୋଚନା ହୋଇଥିଲା। କମ୍ପାନୀ ପକ୍ଷରୁ ଦୈନିକ ଏକ ରେକ୍‌ରେ ଯାଉଥିବା ଖଣିଜକୁ ସଡ଼କ ପଥରେ ଟ୍ରକ୍ ଯୋଗେ ପରିବହନ କରାଯିବାକୁ ନିଷ୍ପତ୍ତି ନେବାସହ ଆଗାମୀ ଦିନରେ ଏହାର ପରିମାଣ ବୃଦ୍ଧି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଟ୍ରକ୍ ଗୁଡ଼ିକୁ ପରିବହନ କାର୍ଯ୍ୟ ମିଳିବାରୁ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟଯେ, ଉକ୍ତ କମ୍ପାନୀ ନିଜର ଖଣିଜକୁ ଟ୍ରକ୍‌ରେ ପରିବହନ ନ କରି କେବଳ ଟ୍ରେନ୍ ଯୋଗେ ପରିବହନ କରୁଥିବାରୁ ଟ୍ରକ୍ ଗୁଡ଼ିକ ପରିବହନ କାର୍ଯ୍ୟ ପାଉ ନ ଥିଲେ। ଉକ୍ତ କମ୍ପାନୀର ଏତାଦୃଶ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ କମ୍ପାନୀ ଫାଟକ ସମ୍ମୁଖରେ ଟ୍ରକ୍ ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ପାନୀ ପକ୍ଷରୁ ଏହାର ସମାଧାନ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ସେମାନେ ବିକ୍ଷୋଭରୁ ଓହରିଥିଲେ। କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ଯୋଡ଼ା ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୁଶାନ୍ତ ବାରିକ, ଆଞ୍ଚଳିକ ଟ୍ରକ ମାଲିକ ସଂଘର ଉପସଭାପତି ଅର୍ଜୁନ ମୁଣ୍ଡା, ଯୁଧିଷ୍ଠିର ପଲେଇ, ମଙ୍ଗଳ ମୁଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲେ ବିଧାୟକ

ଖଇରା,୩୧।୭(ଡି.ଏନ.ଏ.)

### ସୁଣ୍ଡିରା,ପୂର୍ବପଡ଼ା ବାଳିକା ବିଦ୍ୟାଳୟ ୫-ଟି ରୂପାନ୍ତରଣରେ ସାମିଲ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ଦାସରଥୀ ବାରପଡ଼ା ହାଇସ୍କୁଲ ଓ ପୂର୍ବପଡ଼ା ଆଖଣ୍ଡଳେଶ୍ୱର ବାଳିକା ଉଚ୍ଚବିଦ୍ୟାଳୟ ସମେତ ଖଇରା ବ୍ଲକର ୧୮ଟି ବିଦ୍ୟାଳୟ ୫ଟିରେ ଅନ୍ତର୍ଭୁକ୍ତ ହୋଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ବିଦ୍ୟାଳୟକୁ ଯାଇ କାର୍ଯ୍ୟର ଅଗ୍ରଗତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ରବିବାର ଅପରାହ୍ନରେ ପ୍ରଥମେ ଆଖଣ୍ଡଳେଶ୍ୱର ବାଳିକା ବିଦ୍ୟାଳୟରେ ଆୟୋଜିତ ବୈଠକରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତୁରନ୍ତ ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ନିଜ ଅନୁଦାନ ପାଣ୍ଠିରୁ ଆବଶ୍ୟକ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଦାସ,ସରପଞ୍ଚ ମମତାରାଣୀ ପରିଡା, ସମିତି ସଭ୍ୟ ନଳିନୀ ସାହୁ, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦାସ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ୱାର୍ଡ ସଭ୍ୟା ରଶ୍ମିତା ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପରେ ଦାଶରଥୀ ବାରପଡ଼ା ହାଇସ୍କୁଲରେ ପ୍ରଧାନଶିକ୍ଷକ ବାଇଧର ନାୟକଙ୍କ ଉପସ୍ଥିତିରେ ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥା ନେଇ ଆଲୋଚନା କରିବା ସହ ନୂତନ ଗୃହର ଶିଳାନ୍ୟାସ କରିଥିଲେ।


ଆଖଣ୍ଡଳେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକ।

# ପଳାଶପଙ୍ଗା-କାଳିମାଟି ରାସ୍ତା ବିପର୍ଯ୍ୟସ୍ତ

କେନ୍ଦୁଝର, ୩୧।୭ (ସ୍ୱ.ପ୍ର.)

ଖଣିଖାଦାନ ଅଞ୍ଚଳକୁ ସଂଯୋଗ କରୁଥିବା ଏବଂ ଦୀର୍ଘ ବର୍ଷ ହେଲା ବିପର୍ଯ୍ୟସ୍ତ ହୋଇ ପଡ଼ିରହିଥିବା ଦୀର୍ଘ ୨୮ କି.ମି. ପଳାଶପଙ୍ଗା-ବାମେବାରୀ ରାସ୍ତା ମଧ୍ୟରୁ ମାତ୍ର ୫ କି.ମି. ଦୀର୍ଘ ବାମେବାରୀ ଠାରୁ କାଳିମାଟି ରାସ୍ତା ୪ ଲେନ୍ ହେବ। ଏହି ରାସ୍ତା କିଡ୍‌କୋ ଅଧୀନରେ ଥିବାବେଳେ ନିକଟରେ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ରାସ୍ତା ଉପରେ ଦୈନିକ ବିଭିନ୍ନ ଖଣି ଓ ଶିଳ୍ପ କମ୍ପାନୀର ହଜାର ହଜାର ସଂଖ୍ୟାରେ ଖଣିଜପଥର ବୋଝେଇ ଟ୍ରକ୍, ଟ୍ରେଲର ଆଦି ଭାରିଯାନ ସ୍ଥାନୀୟ ସାଇଡିଂ ତଥା ପାରାଦୀପ ଓ ଅନ୍ୟ ଅଞ୍ଚଳକୁ ଚଳାଚଳ କରିଥାନ୍ତି । ସେହିପରି ଏହା ଉପରେ ପାଖାପାଖି ୧୦ଟି ପଞ୍ଚାୟତ ଲୋକେ ବ୍ୟବହାର କରିଥାନ୍ତି। ତେବେ ଦୀର୍ଘ ବର୍ଷ ହେଲା ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବା କାରଣରୁ ସ୍ଥାନୀୟ ଲୋକ ଯାତାୟାତରେ ହଇରାଣ ହେଉଛନ୍ତି।

ବିଶେଷ କରି କାଳିମାଟି ଠାରୁ ବାମେବାରୀ ପର୍ଯ୍ୟନ୍ତ ୫ କି.ମି. ୬୦୦ ମିଟର ରାସ୍ତାର ଅବସ୍ଥା ଅଧିକ ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ପ୍ରଥମ ପର୍ଯ୍ୟାୟରେ ଏହାକୁ ଚାରି ଲେନ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଜଣାପଡିଛି।



ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏହି କାମ ପାଇଁ ୬୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି। ଏନେଇ ତୁରନ୍ତ ଟେଣ୍ଡର ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଦୈନିକ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ ହାନୀ ଘଟିଥାଏ। ଏପରିକି ସାଧାରଣ ଯାତାୟାତ ବିପଦପୂର୍ଣ୍ଣ ରହିଥିବା ବେଳେ ଆମ୍ବୁଲାନ୍ସ, କ୍ଷୀର, ଦମକଳ ଗାଡି ଭଳି ଜରୁରୀ ସେବା ତଥା ଯାତ୍ରୀବାହୀ ଗାଡି,ସ୍କୁଲ ବସ ଆଦି ଯାତାୟାତ କରିବାରେ ବହୁ ସମସ୍ୟା ଭୋଗୁଥିଲେ। ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଗାଡି ଅଟକି ରହିବାକୁ ପଡେ। ଧୂଳିଧୂଆଁ ପ୍ରଦୂଷଣ ଭଳି ଅସ୍ୱାସ୍ଥ୍ୟକର ପରିବେଶ ଏବଂ ବର୍ଷା ଦିନରେ ଲାଲ ମାଟି ପୂର୍ଣ୍ଣ ରାସ୍ତାରେ ଲୋକ ମାନେ ଯିବା ଆସିବା କରିବାକୁ ବାଧ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ବହୁ ସମସ୍ୟା ମଧ୍ୟରେ ରହୁଛନ୍ତି। ସ୍ଥାନୀୟ ଲୋକ ଏବଂ ଲୋକ ପ୍ରତିନିଧି ରାସ୍ତା ମରାମତି ପାଇଁ ଦାବି କରି ଆସୁଥିଲେ ହେଁ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏଣୁ ଅବଶିଷ୍ଟ ପଳାଶପଙ୍ଗା-କାଳିମାଟି ରାସ୍ତା ଶୀଘ୍ର ମରାମତି ନ କଲେ ପୁଣି ଆନ୍ଦୋଳନ କରିବାକୁ କଣ୍ଡରାପଶି, ନୟାଗଡ, ଧନୁର୍ଜୟପୁର, ରେଙ୍ଗାଳବେଡା, ଆହାରପଶି ଆଦି ଗ୍ରାମର ଲୋକେ ଚେତାବନୀ ଦେଇଛନ୍ତି।

## ୨ ଚୋରି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ମୋରଡା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ୨୦୨୧ରେ ଘଟିଥିବା ଦୁଇଟି ଚୋରି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତପନ ନାଏକ। ଚିତ୍ରଡ଼ା ଏବଂ ବ୍ରାହ୍ମଣମରା ଗ୍ରାମରେ ଘଟିଥିବା ଦୁଇ ଚୋରି ମାମଲାରେ ଅଭିଯୁକ୍ତ ତପନଙ୍କୁ ଧରିବା ପାଇଁ ଶନିବାର ସନ୍ଧ୍ୟାରେ ମୋରଡ଼ା ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ନିର୍ଦ୍ଧାରିତ ସ୍ଥାନରେ ଚଢ଼ାଉ କରିଥିଲା। ଗିରଫ ତପନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ବର୍ଷାରେ ଭୁଶୁଡ଼ିଲା ଘର

### କ୍ଷତିଗ୍ରସ୍ତଙ୍କୁ ବିଧାୟକଙ୍କ ସହାୟତା

ବଡ଼ସାହି,୩୧।୭: ଗତ କିଛି ଦିନ ତଳେ ଲାଗି ରହିଥିବା ଲଗାଣ ବର୍ଷାରେ ବିରେଶ୍ୱରପୁର ପଞ୍ଚାୟତ କୁଲଡିହା ଗ୍ରାମର ରଣଜିତ କୁମାର ନାଏକ ନାମକ ଜଣେ ବ୍ୟକ୍ତିଙ୍କର ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏକ ପଲିଥିନ ତଳେ ଦିନ କାଟୁଛନ୍ତି। ବର୍ଷା ଦିନ ପାଇଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜେ ରହିବା ସହିତ ଘରର ଆବଶ୍ୟକୀୟ ଜିନିଷକୁ ସୁରକ୍ଷିତ ଭାବେ ରଖିବା ତାଙ୍କ ପାଇଁ କଷ୍ଟସାଧ ହୋଇ ପଡିଛି। ଖବରପାଇ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ତାଙ୍କ ଘରକୁ ଯାଇ ସମସ୍ତ ଘଟଣା ବୁଝିବା ସହିତ ସହାୟତାର ହାତ ବଢ଼ାଇଛନ୍ତି। ସେ ତୁରନ୍ତ କିପରି ସରକାରଙ୍କର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ଘରଟିଏ ପାଇ ପାରିବେ ସେ ସମ୍ପର୍କରେ ଅଲୋଚନା କରି ନାମଟିକୁ ଅନଲାଇନରେ ପଞ୍ଜୀକରଣ କରିବା ପାଇଁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାପାଳ ଓ ବିଡିଓଙ୍କ ସହିତ ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହିତ ବ୍ଲକ୍ ବିଜେଡି ସଭାପତି ନିହାର ରଞ୍ଜନ ମହାପାତ୍ର, ପଞ୍ଚାୟତ ସଭାପତି ବୈଦ୍ୟନାଥ ସିଂଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

### ମହିମା ପୀଠରେ ବାର୍ଷିକ ଯଜ୍ଞ

କୁଆମରା, ୩୧।୭ (ଡି.ଏନ. ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଶଳଦା ପଞ୍ଚାୟତ ମହୁଲଡିହି ଗ୍ରାମରେ ଥିବା ମହିମା ପୀଠରେ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଲେଖ ମହିମାଙ୍କ ଭକ୍ତ ସନାତନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅହୋରାତ୍ର ଅଖଣ୍ଡବତୀ ପ୍ରଜ୍ଜ୍ୱଳିତ ହେବା ସହ ଯଜ୍ଞ ହୋଇଥିଲା। ଦୀର୍ଘ ୩୦ବର୍ଷ ଧରି ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ବାର୍ଷିକ ଯଜ୍ଞରେ ଚଳିତବର୍ଷ ଯୋରନ୍ଦା ମହିମା ଗାଦିରୁ ବାବା ବ୍ରହ୍ମ ଅବଧୂତ କାଶୀନାଥ ବାବା ଏବଂ ଶିଷ୍ୟ ସାଧୁ ଅରୂପାନନ୍ଦ ଦାସ ଯୋଗଦେଇ ଅଖଣ୍ଡ ଧ୍ୱନି ଓ ହୋମଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଏଥିରେ ଉକ୍ତ ଅଞ୍ଚଳର ୩୦ରୁ ଅଧିକ ଭକ୍ତ ଯୋଗ ଦେଇଥିଲେ। ଭକ୍ତମାନଙ୍କ ଦ୍ୱାରା ଭଜନ ସଙ୍ଗୀତ ପରିବେଷଣ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତେଲକୋଇ, ୩୧।୭(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ବାଲିସାହି ପ୍ରଧାନଶିକ୍ଷକ ଦେବାନନ୍ଦ ସାହୁଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ କମଳ ଲୋଚନ ବିଶାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟରେ ଅବସରପ୍ରାପ୍ତ ଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦେବାନନ୍ଦଙ୍କୁ ସମସ୍ତ ଅତିଥି ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସେ ଜଣେ ଭଲ ଶିକ୍ଷକ ହୋଇଥିବାରୁ ଶେଷରେ ଗ୍ରାମବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ। ସେ ୧୯୮୯ ମସିହାରେ ଶିକ୍ଷକତା କରି ପ୍ରତି ସ୍କୁଲ ଗୁଡିକରେ ତାଙ୍କର ଅଧାପନା କରିଛନ୍ତି। ୩୩ ବର୍ଷର ଶିକ୍ଷକତା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

# ସରିନି କାମ, ଟୋଲ ଆଦାୟକୁ ବିରୋଧ

**ସାରସକଣା,୩୧।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ସ୍ଥିତ ୪୯ ନଂ ଜାତୀୟ ରାଜପଥର ଝାରପୋଖରିଆ ଟୋଲପ୍ଲାଜା ବିଭିନ୍ନ ଦାବି ନେଇ କୁଡୁମୀସେନା ଓ ଓଡିଶା ମୋଟର ଚାଳକ ମହାସଂଘ ପକ୍ଷରୁ ଶନିବାର ଏବଂ ରବିବାର ସକାଳୁ ଟୋଲପ୍ଲାଜା ବନ୍ଦ କରିଥିଲେ। ଏନେଇ କୁଡୁମୀସେନା ଜିଲା ସଭାପତି ବିଶ୍ୱନାଥ ମହାନ୍ତଙ୍କ ନେତୃତ୍ୱରେ ସକାଳ ସାଢ଼େ ୯ଟାରେ ଟୋଲପ୍ଲାଜା ବନ୍ଦ କରାଯାଇଥିଲା। ଏକ କମ୍ପାନୀ ୪୯ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱ ନେଇ ରାସ୍ତା କାମ ନ ସାରି ଛାଡ଼ି ପଳାଇଛି।

ଦାବି ମୁତାବକ ବମ୍ଫେଛକ ଓଭରବ୍ରିଜ କାମ ଏବଂ ଦ୍ୱାରଶୁଣି ଘାଟି ରାସ୍ତା କାମ ଶେଷ କରି ଦୁର୍ଘଟଣା ଏଡାଇବା ପାଇଁ ଦୁଇ ଆମ୍ବୁଲାନ୍ସ, ଗୋଟିଏ କ୍ରେନ ସହିତ ଶୌଚାଳୟ ବ୍ୟବସ୍ଥା କରାଯାଉ, ସ୍ଥାନୀୟ ଜନସାଧାରଣଙ୍କ ଯାନବାହାନକୁ ଯାତାୟାତ ନିମନ୍ତେ ଟୋଲ ଫି ମୁକ୍ତ କରିବା ସହିତ ଶିକ୍ଷାଗତ ଯୋଗ୍ୟତା ଥିବା ଅଞ୍ଚଳର ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି , ବାଇକ୍ ଚାଳକ କିମ୍ବା ପଥଚାରୀଙ୍କ ପାଇଁ ଟୋଲପ୍ଲାଜା ପାର ହେବାକୁ ସର୍ଭିସ ରୋଡ କରାଯାଉ। ଘଟଣା ସ୍ଥଳରେ ଝାରପୋଖରିଆ ଥାନା ଅଧିକାରୀ ଡିଏସପି ମୁକ୍ତି କୁମାର କୁଲୁ, ବାଙ୍ଗିରିପୋଷି ଥାନା ଅଧିକାରୀ ସଞ୍ଜୟ ପରିଡାଙ୍କ ସମେତ ଏସ୍‌ଡିପିଓ କେକେ ହରିପ୍ରସାଦ ପହଞ୍ଚି ଟୋଲ୍ ପ୍ଲାଜା ମ୍ୟାନେଜର ଯୋଗେଶ ବାଗେଲଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନ ଥିଲା। ଆସନ୍ତା ବୁଧବାର ସମସ୍ତଙ୍କୁ ନେଇ ଏକ ବୈଠକ କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି କୁଡୁମୀ ସେନାର ଜିଲା ସଭାପତି ବିଶ୍ୱନାଥ ମହାନ୍ତ ସୂଚନା ଦେଇଛନ୍ତି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଟୋଲପ୍ଲାଜା ଖୋଲିବାକୁ ଦିଆଯିବ ନାହିଁ ବୋଲି ଜିଲା ସଭାପତି ବିଶ୍ୱନାଥ ମହାନ୍ତ ପ୍ରକାଶ କରିଛନ୍ତି।


ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛି।

# ସହରକୁ ଜଗିବ ସିସି କ୍ୟାମେରା


ଏମ୍‌ପି ମଞ୍ଜୁଲତା ମଣ୍ଡଳ କଣ୍ଟ୍ରୋଲ ରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି।

**ଭଦ୍ରକ ଅଫିସ,୩୧।୭**

ଭଦ୍ରକ ସହରକୁ ଜଗିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ସିସିକ୍ୟାମେରା ଲଗାଯାଇଛି। ଡିଆଇବି ଅଫିସରେ ରହିଥିବା ଏହାର କଣ୍ଟ୍ରୋଲ ରୁମ୍‌କୁ ରବିବାର ଉଦ୍‌ଘାଟନ କରାଯାଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୌରାଧ୍ୟକ୍ଷା ଗୁଲମକ୍ସୀ ହବିବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ଯୋଗ ଦେଇଥିଲେ। ସହରର ବନ୍ତଛକ, ପୁରୁଣାବଜାର, ବାଇପାସ୍, ଅପର୍ତିବିନ୍ଧା ଛକ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିକ୍ୟାମେରା ଲାଗିସାରିଥିବା ବେଳେ ପରେ ଅନ୍ୟ ଛକଗୁଡ଼ିକରେ ଲାଗିବ ବୋଲି ଏସ୍‌ପି କହିଛନ୍ତି। ସିସିକ୍ୟାମେରା ଲାଗିବା ଦ୍ୱାରା ସହରରେ ହେଉଥିବା ବିଭିନ୍ନ ଲୁଟ୍, ଚୋରି ଓ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସର ନଜର ରହିବ। ଡିଆଇବିର ଅତିରିକ୍ତ ଏସ୍‌ପି କମଳ ଲୋଚନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ଶିବଲିଙ୍ଗ କାନ୍ଧେଇ କାଉଡ଼ିଆଙ୍କ ଯାତ୍ରା


କାଉଡ଼ିଆମାନେ ଶିବଲିଙ୍ଗ କାନ୍ଧେଇ ଜଳାଭିଷେକ ପାଇଁ ଯାଉଛନ୍ତି।

**ବାରିପଦା ଅଫିସ,୩୧।୭**

କାଉଡ଼ିଆମାନେ ଏକ ଶିବଲିଙ୍ଗକୁ କାନ୍ଧେଇ ଜଳାଭିଷେକ କରିବାକୁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଶ୍ରାବଣ ମାସ ତୃତୀୟ ସୋମବାର ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କ ମନ୍ଦିରରେ ଜଳଲାଗି କରିବା ପାଇଁ ବାରିପଦା ତୁଳସୀଚଉରାସ୍ଥିତ ବାବା କରଞ୍ଜେଶ୍ୱର ମନ୍ଦିର କମିଟି ସଦସ୍ୟମାନେ ଏଭଳି ଅଭିନବ ଯାତ୍ରା କରିଥିବା ଦେଖିବାକୁ ମିଳିଛି। ସାଢ଼େ ୪ ଫୁଟ୍ ଲମ୍ବ ଓ ସାଢ଼େ ୭ ଫୁଟ୍ ଉଚ୍ଚତା ବିଶିଷ୍ଟ ଶିବଲିଙ୍ଗ ତିଆରି କରି କାନ୍ଧରେ ନେଇ ଜଳାଭିଷେକ କରିବାକୁ ଯାଇଛନ୍ତି। କାଉଡ଼ିଆମାନଙ୍କ ଏହି ଯାତ୍ରା ଦେଖିବା ପାଇଁ ବାରିପଦା ସହରରେ ଭିଡ଼ ଜମିବା ସହ ପରିବେଶ ଉତ୍ସବମୁଖର ହୋଇଥିଲା। ଉକ୍ତ କମିଟି ସଦସ୍ୟ ସରୋଜ ମହାପାତ୍ର, ବିଶ୍ୱନାଥ ଜେନା, ପଦ୍ମଲୋଚନ ପଣ୍ଡା, ବିକା ଘଡ଼େଇ, ସୁଶାନ୍ତ ସିଂ, ବୁବୁ ମୁଖି ଓ ଲିପୁନ ଜେନା ସୋଲ, ମାଟି ଓ କପଡ଼ା ବ୍ୟବହାର କରି ଏହି ଶିବ ଲିଙ୍ଗ ତିଆରି କରିଥିବା ବେଳେ ଏଥିପାଇଁ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିବା କହିଛନ୍ତି।

# କୃଷକ ସମସ୍ୟା ନେଇ ଚକାଜାମ୍ ଆନ୍ଦୋଳନ

**ଜଳେଶ୍ୱର,୩୧।୭(ଡି.ଏନ.ଏ.)**

କେନ୍ଦ୍ରର ମୋଦି ସରକାର କୃଷକ ମାନଙ୍କର ସମସ୍ୟା ଓ ଦାବି ପ୍ରତି ବିଶ୍ୱାସ ଘାତକତା କରିଆସୁଥିବାରୁ ରବିବାର ୬୦ନଂ ଜାତୀୟ ରାଜପଥର ଟୋଲ୍‌ପ୍ଲାଜା ନିକଟରେ କୃଷକ ସମନ୍ୱୟ ସମିତି ଆହ୍ୱାନରେ ଚକାଜାମ୍ ଅନ୍ଦୋଳନ କରାଯାଇଥିଲା। କୃଷକ ସମନ୍ୱୟ ସମିତି, ସଂଯୁକ୍ତ କିଷାନ ମୋର୍ଚ୍ଚା, ଓଡ଼ିଶା କୃଷକ ସଭା ପକ୍ଷରୁ ସମଗ୍ର ଦେଶରେ ଚକାଜାମ୍ ଆନ୍ଦୋଳନ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଦିଲ୍ଲୀପ ଗିରିଙ୍କ ସଭାପତିତ୍ୱରେ ଦୀପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ଜୀବନ ପରିଡ଼ା, ସେକ୍ ଅବଦୁଲ ସାଦ୍ଦିକ, ସବିତା ଭୂୟାଁ, ଚନ୍ଦନ ଶତପଥୀ, ମଦନ ମାହାଲି, ନରେନ୍ ସିଂ, ମିନତୀ ବାରିକ, ପୂର୍ଣ୍ଣ ସିଂ, ଅଜୟ ପଲାଇ, ସନ୍ତୋଷ ଦେ, ସନାତନ ନନ୍ଦି, ସୁଶିଲ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନ ଯୋଗୁ ୬୦ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନ ଦୀର୍ଘ ସମୟ ଧରି ଅଟକି ରହିଥିଲା।

# କାଉଡ଼ିଆମାନଙ୍କୁ ଫାଷ୍ଟେଡ୍ କିଟ୍ ବଣ୍ଟନ

**ବାଲେଶ୍ୱର ଅଫିସ,୩୧।୭**

ବାଲେଶ୍ୱର ସହର ବୁଢ଼ାବଳଙ୍ଗ ନଦୀ ଠୁଠ ବାଲିଘାଟଠାରେ ରବିବାର ଦେବାଶିଷ ସେଠୀ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ ଶୈବପୀଠକୁ ଯାଉଥିବା କାଉଡ଼ିଆମାନଙ୍କୁ ଫାଷ୍ଟେଡ୍ କିଟ୍ ବଣ୍ଟନ କରାଯାଇଛି। କମିଟିର ସଭାପତି ମିନତୀ ସେଠୀ ଯୋଗଦେଇ ଫାଷ୍ଟେଡ୍ କିଟ୍ ବଣ୍ଟନର ଶୁଭାରମ୍ଭ କରିଥିଲେ।

ମହାଦେବଙ୍କ ଜଳାଭିଷେକ ପାଇଁ ଶ୍ରାବଣମାସରେ ବାଲିଘାଟରୁ ଜଳଭାର ନେଇ କାଉଡ଼ିଆମାନେ ବହୁ ଦୂର ଦୂରାନ୍ତରେ ଥିବା ଶୈବପୀଠକୁ ଖାଲି ପାଦରେ ଚାଲି ଚାଲି ଯାତ୍ରା କରିଥାନ୍ତି। କଷ୍ଟ ଲାଘବ ପାଇଁ କିଟ୍‌ରେ ବିଭିନ୍ନ ପ୍ରକାର ଔଷଧ, ମାସ୍କ ଓ ସାନିଟାଇଜର କିଟ୍‌ରେ ରଖାଯାଇଛି। ଏଥିରେ ୪ଶହରୁ ଅଧିକ କାଉଡ଼ିଆଙ୍କୁ ଏହି କିଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଝୁନିରାଣୀ ବାରିକ, କଳ୍ପନା ଦାସ, ସସ୍ମିତା ରଣା, ନିଶାମଣି ପ୍ରଧାନ, ଲଳିତା ତାଲଦି, ରୀନାରାଣୀ ମଲିକ, ଜ୍ୟୋତ୍ସ୍ନା ସେଠୀ, ସନ୍ଧ୍ୟାରାଣୀ ଘଡ଼େଇ, ସସ୍ମିତା ବେହେରାଙ୍କ ସମେତ କମିଟିର ବହୁ ସଦସ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାଉଡ଼ିଆମାନଙ୍କୁ କିଟ୍ ବଣ୍ଟନରେ ସହଯୋଗ କରିଥିଲେ।


କାଉଡ଼ିଆଙ୍କୁ ଫାଷ୍ଟେଡ୍ କିଟ୍ ବଣ୍ଟନ କରାଯାଉଛି।

# ବିଭିନ୍ନ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ଯୋଡ଼ା,୩୧।୭(ଡି.ଏନ.ଏ.)**

କେନ୍ଦ୍ର ପରିବହନ ଓ ରାଜ ରାସ୍ତା ମାର୍ଗ ନିର୍ମାଣ ମନ୍ତ୍ରୀ ନୀତିନ ଗଡ୍‌କରି ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟାକୁ ନେଇ ଦୁଇ ପୃଥକ ଦାବିପତ୍ର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଦିଆଯାଇଛି। ସ୍ଥାନୀୟ ବିରିକଳା ପଞ୍ଚାୟତର ସରପଞ୍ଚ ମୁଖ ନାଏକ, ନାଏବ ସରପଞ୍ଚ କୁନ୍ତଳା ଖିଲାର, ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦାଙ୍କ ନେତୃତ୍ୱରେ ଏହା ପ୍ରଦାନ କରାଯାଇଛି।

ଦାବି ଗୁଡିକ ହେଲା, ବିଲେଇପଦା ଛକ ଏକ ବିପଦପୂର୍ଣ୍ଣ ଛକ ଅଟେ। ଯେଉଁଠି କି ଦୈନନ୍ଦିନ ଶହ ଶହ ସ୍କୁଲ, କଲେଜ ଛାତ୍ରୀଛାତ୍ର ପାଠ ପଢିବାକୁ ଏବଂ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ କମ୍ପାନୀକୁ ଶ୍ରମିକମାନେ କାମ କରିବାକୁ ଯିବାବେଳେ ଗାଈଗୋରୁ ରାସ୍ତା ଅତିକ୍ରମ କରୁଛନ୍ତି। ଯାହାଦ୍ୱାରା ମାଲବାହୀ ଗାଡି ଚଳାଚଳ ବେଳେ ଦୁର୍ଘଟଣା ଘଟି ଧନ,ଜୀବନ ହାନୀ ଘଟୁଛି। ଉକ୍ତ କମ୍ପାନୀ କଲୋନୀକୁ ଯିବା ପାଇଁ ପ୍ରାୟ ୧କି.ମି. ରାସ୍ତା ଅତିକ୍ରମ କରି ବୁଲିବାକୁ ପଡୁଛି। ଏଣୁ ଉକ୍ତ ଛକ ନିକଟରେ ଫ୍ଲାଏ ଓଭର ନିର୍ମାଣ କରାଯିବା ଜରୁରୀ। ତାହା କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଟ୍ରାଫିକ ସିଗ୍‌ନାଲ ଲାଇଟ୍ ପୋଷ୍ଟ କିମ୍ବା ମାନୁଆଲ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବା ଦରକାର। ସେହିପରି ବିଲେଇପଦା ଠାରୁ ଭାଗଲପୁର, ବଳିତା ଏବଂ ପଡୋଶୀ ଦେଓଝର ପଞ୍ଚାୟତ ଏବଂ ଏନ୍‌ଏଚ୍-୫୨୦ ଲହଣ୍ଡା ଗ୍ରାମକୁ ଯାତାୟାତବେଳେ ଏଠାରେ ଏକ ଦକ୍ଷିଣ-ପୂର୍ବ ରେଲୱେ ଫାଟକବିହୀନ ଫାଟକ ଅଛି। ଯେଉଁଠାରେ କି ଟ୍ରେନ୍‌ର ଗତିବିଧି ଜଣା ନ ପଡ଼ି ବହୁ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେବା ସହିତ ଲୋକେ ରେଲୱେ ବିଭାଗ ମାମଲାରେ ଛନ୍ଦି ହେଉଛନ୍ତି। ଏଣୁ ଏହାର ସମାଧାନ ନିମନ୍ତେ ବିଲେଇପଦା ଓ ଲୋହଣ୍ଡା ଗ୍ରାମରେ ପୃଥକ ପୃଥକ ଭାବେ ଅଣ୍ଡରପାସ ନିର୍ମାଣ କରିବାକୁ କୁହାଯାଇଛି।


କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# 'ଅବସର ପରେ ନିଜକୁ ଅସମର୍ଥ ଭାବିବା ଭୁଲ୍'

**ଭଦ୍ରକ ଅଫିସ, ୩୧।୭**

ଚାକିରିରୁ ଅବସର ପରେ ନିଜକୁ ଅସମର୍ଥ ଭାବିବା ଭୁଲ୍। ଅବସର ପରେ ସମାଜ ଗଠନ ପାଇଁ ନିଜକୁ ଯତ୍ନଶୀଳ କରନ୍ତୁ ବୋଲି ରବିବାର ଓଡ଼ିଶା ଅବସରପ୍ରାପ୍ତ ଆରକ୍ଷୀ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ଅନୁଷ୍ଠିତ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ରଙ୍ଗବଲ୍ଲଭ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା, ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବଳରାମ ମିଶ୍ର, ପୂର୍ବତନ ଅତିରିକ୍ତ ଏସ୍‌ପି ବିକାଶ ଦାସ, ପୂର୍ବତନ ଏସ୍‌ପି ଦିଲୀପ ଦାସ, ପଦ୍ମନ ରାୟ, ସମିତି ସମ୍ପାଦକ ପ୍ରସନ୍ନ କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅଧିକାରୀମାନଙ୍କର ସମାଜ ଗଠନରେ ଭୂମିକା ବିଷୟରେ ସେମାନେ ସଚେତନ କରାଇଥିଲେ। ଜିଲାର ଅବସରପ୍ରାପ୍ତ ଆରକ୍ଷୀ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜିଲାସ୍ତରକୁ ୧୭ ଫୁଟବଲ ଖେଳାଳି ମନୋନୀତ

**ଖଇରା,୩୧।୭(ଡି.ଏନ.ଏ.)**

ବିଜେଡିର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଯୁବ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଫୁଟବଲ ମ୍ୟାଚ ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ସାରୁଗାଁ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର ନାୟକଙ୍କ ସଂଯୋଜନାରେ ରବିବାର ଆୟୋଜିତ ମ୍ୟାଚରେ ୩୭ ପଞ୍ଚାୟତରୁ ୩୪ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ରଟିଶା,ସାରୁଗାଁ ଓ ଡଗରପଡା ଭଳି ୩ଟି ଟିମ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୭ଜଣ ଖେଳାଳି ଜିଲାସ୍ତରକୁ ମନୋନୀତ ହୋଇଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ। ବିଜୁ ଛାତ୍ର ଜନତା ସଭାପତି ଗୌତମ ରାଉତ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଯୁବନେତା ଅନନ୍ତ ପ୍ରସାଦ ବାରିକ, ଡଗରପଡା ସରପଞ୍ଚ ରତ୍ନାକର ଦଳେଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।



ଖେଳାଳିଙ୍କ ଗହଣରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

# 'ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରାଯିବ'

## ଚେତାବନୀ ଦେଲା ସୁବର୍ଣ୍ଣରେଖା ବିକାଶ ପରିଷଦ

**ବାଲିଆପାଳ,୩୧।୭(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକ୍ଷମ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଅଞ୍ଚଳର ବହୁ ବେକାରୀ ଯୁବକ ଚାକିରି ପାଇପାରିବେ। ଅଞ୍ଚଳର ବିକାଶ ହେବ। ସେଥିପାଇଁ ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କଠାରେ ଦାବି କରୁଛୁ କିନ୍ତୁ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ହେଲେ ଦୃଢ଼ ବିରୋଧ କରାଯିବ ବୋଲି ସୁବର୍ଣ୍ଣରେଖା ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତାପପୁର ମହାଦେବ ମନ୍ଦିର ନିକଟ ଜୟଦୁର୍ଗା କ୍ଲବ ସଭାଗୃହରେ ପରିଷଦର ସଭାପତି ତଥା ବିଜେଡି ନେତା ହାଡ଼ିବନ୍ଧୁ ଜେନା ଓ ଅନ୍ୟ ସଦସ୍ୟମାନେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲାର ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ଚୌମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮ରେ ଶିଳାନ୍ୟାସ କରିଥିଲେ। ତେବେ ଭିଟାମାଟି ସୁରକ୍ଷା କମିଟିର ବିରୋଧ ଯୋଗୁ ଅଦ୍ୟାବଧି ବନ୍ଦର ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ବନ୍ଦର ସପକ୍ଷବାଦୀ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସୁବର୍ଣ୍ଣରେଖା ବିକାଶପରିଷଦ ପକ୍ଷରୁ ଜଗତିପୁର ପଞ୍ଚାୟତର ବିଜେଡି ନେତା ମୃତ୍ୟୁଞ୍ଜୟ ଗୋଛାୟତ, ସଂଗ୍ରାମ ପରିଡ଼ା, ପ୍ରତାପପୁର ପଞ୍ଚାୟତର ଅଶ୍ୱିନି ପାତ୍ର, ବାଲିଆପାଳ ବ୍ଲକ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ବିଷ୍ଣୁପୁର ପଞ୍ଚାୟତର ବିଜେଡି ଯୁବନେତା ସରୋଜ ଦାସ, ସୁବ୍ରତ ପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀ ଜରିଆରେ କାର୍ଯ୍ୟ ତ୍ୱରାନିତ କରିବାକୁ କମ୍ପାନୀକୁ ଜଣାଇଛନ୍ତି। ବନ୍ଦର ହେଲେ କୌଣସି ପରିବାର ବିସ୍ଥାପିତ ହେବେ ନାହିଁ ସେଥିପାଇଁ ଆଗାମୀ ଦିନରେ ୫ ହଜାର ସ୍ୱାକ୍ଷର ସମ୍ୱଳିତ ଦରଖାସ୍ତ ସରକାରଙ୍କୁ ଦେବା ସହିତ ବିପକ୍ଷବାଦୀ ଓ ସପକ୍ଷବାଦୀଙ୍କୁ ନେଇ ଏକ ଜନସମାବେଶ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।


ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣରେଖା ବିକାଶ ପରିଷଦର ସଦସ୍ୟମାନେ।

# ଶ୍ରୀଅରବିନ୍ଦଙ୍କ ଜନ୍ମ ବାର୍ଷିକୀ

**ସୋର,୩୧।୭(ଡି.ଏନ୍.ଏ)**

ବାଲେଶ୍ୱର ଜିଲା ସୋର ଉତ୍ତରେଶ୍ୱର ସେଣ୍ଟ ଜାଭିଅର ହାଇସ୍କୁଲ ପରିସରରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ରାମଚନ୍ଦ୍ର ସ୍ୱାଇଁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଶ୍ରୀ ଅରବିନ୍ଦ ଓ ଭାରତର ଭବିଷ୍ୟତ' ଶୀର୍ଷକ ଆଲୋଚନାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟବକ୍ତା ରାଜ୍ୟ ସଂଗଠକ ପ୍ରଭାତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜାଭିଅର ହାଇସ୍କୁଲ ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି. ନବ ଜୀବନ ଶିକ୍ଷା ସଂସଦର ସଦସ୍ୟ ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଜୀବନାଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ଜିଲା ସଂଗଠକ ଦୟାନିଧି ପାତ୍ର ସ୍ୱାଗତ ଭାଷଣ ଓ ଦୀପ୍ତିକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂଯୋଜିକା ତାପସୀ ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଶ୍ରୀ ଅରବିନ୍ଦଙ୍କ ଶ୍ରଦ୍ଧାଳୁ ଭାଇ ଭଉଣୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

